# Asian School of Business Management

**NEW PAPER:** Dharitri

**DATE:** 05.06.2018

**PAGE:** 13

ଧରିତ୍ରୀ
DHARITRI

# ଏଏସ୍‌ବିଏମ୍ ନିର୍ଦ୍ଦେଶକଙ୍କ ପୁସ୍ତକ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୬

ଏସିଆନ୍ ସ୍କୁଲ୍ ଅଫ୍ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟ(ଏଏସ୍‌ବିଏମ୍)ର ନିର୍ଦ୍ଦେଶକ ବିଶ୍ୱଜିତ ପଟ୍ଟନାୟକଙ୍କ ଲିଖିତ ପୁସ୍ତକ 'ହ୍ୟୁମାନ୍ ରିସୋର୍ସ ମ୍ୟାନେଜ୍‌ମେଣ୍ଟ'ର ପଞ୍ଚମ ସଂସ୍କରଣ ଉନ୍ମୋଚନ ହୋଇଛି। ବିଶ୍ୱର ପ୍ରମୁଖ ପୁସ୍ତକ ପ୍ରକାଶନୀ ସଂସ୍ଥା ପ୍ରେଣ୍ଟିକ୍ ହଲ ଏହାକୁ ପ୍ରକାଶ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଲେଖକ ବିଶ୍ୱଜିତ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇବା ସହିତ ମ୍ୟାନେଜ୍‌ମେଣ୍ଟ କ୍ଷେତ୍ରରେ ନିଜର ଗବେଷଣା ଜାରି ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ସାମ୍ପ୍ରତିକ ମୂଲ୍ୟବୋଧ ଏହି ନୂତନ ସଂସ୍କରଣରେ ସ୍ଥାନ ପାଇଛି। ଏଚ୍‌ଆର୍ ଆନାଲିଟିକ୍ସ ଏବଂ ବୈଷୟିକ ଜ୍ଞାନକୌଶଳ ସମ୍ପର୍କିତ ଦିଗକୁ ମଧ୍ୟ ଏଥିରେ ସ୍ଥାନିତ କରାଯାଇଛି ବୋଲି ବିଶ୍ୱଜିତ କହିଛନ୍ତି। ସୂଚନାଯୋଗ୍ୟ ଲକ୍ଷ୍ନୌସ୍ଥିତ ଭାରତୀୟ ପ୍ରବନ୍ଧନ ସଂସ୍ଥାନ(ଆଇଆଇଏମ୍)ର ପୂର୍ବତନ ନିର୍ଦ୍ଦେଶକ ବିଶ୍ୱଜିତ ୨୦୧୬ରେ ଆକ୍ରିଡିଏଶନ କାଉନ୍‌ସିଲ୍ ଫର୍ ବିଜ୍‌ନେସ୍ ସ୍କୁଲ୍‌ସ୍ ଆଣ୍ଡ୍ ପ୍ରୋଗ୍ରାମ୍(ଏସିବିଏସ୍‌ପି) ପକ୍ଷରୁ ଇଣ୍ଟରନ୍ୟାଶନାଲ୍ ଟିଚିଂ ଏକ୍ସିଲେନ୍ସ ଆୱାର୍ଡ ଲାଭ କରିଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁସ୍ତକ ଉନ୍ମୋଚନ କରୁଛନ୍ତି।